# ଏମ୍‌କେସିଜିରେ ଅସ୍ତ୍ରୋପଚାର ପରେ ବ୍ରେନ୍ ଟ୍ୟୁମର ବାହାରିଲା

ବ୍ରହ୍ମପୁର, ୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ୩ ବର୍ଷ ବୟସର ସିଦ୍ଧାନ୍ତ ପ୍ରଧାନ ଛାତ ଉପରୁ ପଡ଼ି ସାମାନ୍ୟ ଆହତ ହୋଇଥିଲେ। ପରିବାରବର୍ଗ ପ୍ରାଥମିକ ଚିକିତ୍ସା କରିବା ପରେ ଏହାକୁ ହେୟଜ୍ଞାନ କରିଥିଲେ। ବୟସ ବଢ଼ିବାରେ ଏହି ସମସ୍ୟା ଗୁରୁତର ହୋଇଥିଲା। ଶରୀରରେ ପରିବର୍ତ୍ତନ ଆସିବା ଦୈନନ୍ଦିନ କାର୍ଯ୍ୟପ୍ରଣାଳୀ ପ୍ରଭାବିତ ହେବା ପରେ ଡାକ୍ତରଙ୍କ ପରାମର୍ଶ ନିଆଗଲା। ପରୀକ୍ଷା ନିରୀକ୍ଷା ପରେ ବ୍ରେନ ଟ୍ୟୁମର ହୋଇଥିବା ଜଣାପଡିବା ପରେ ଏମକେସିଜିରେ ଭର୍ତ୍ତି ହୋଇ ଅସ୍ତ୍ରୋପଚାର କରି ସେ ବିପଦମୁକ୍ତ ହୋଇଛନ୍ତି। ପୋଲସରା ବ୍ଲକ ଅନ୍ତର୍ଗତ ସପ୍ତେଶ୍ୱର ସାହି ନିବାସୀ ଗୋପିନାଥ ପାତ୍ରଙ୍କ ପୁଅ ସିଦ୍ଧାନ୍ତ ପ୍ରଧାନ (୨୪) ପିଲାବେଳେ ଖେଳୁଥିବା ବେଳେ ଛାତରୁ ପଡ଼ିଯିବାରୁ ମୁଣ୍ଡରେ ଆଘାତ ଲାଗଥିଲା। ଏହାର ଲକ୍ଷଣ ବର୍ତ୍ତମାନ କିଛି ମାସ ହେବ ଶରୀରରେ ଦେଖାଦେଲା। ମୁଣ୍ଡ ବୁଲାଇବା, ବାନ୍ତି କରିବା, ଆଖିକୁ ଠିକ୍‌ରେ ଦେଖାଗଲାନାହିଁ। ଏସବୁ ଶାରିରୀକ ସମସ୍ୟାକୁ ନେଇ ସିଦ୍ଧାନ୍ତଙ୍କୁ ପରିବାର ଲୋକେ ବ୍ରହ୍ମପୁର ସ୍ଥିତ ଘରୋଇ ହସ୍ପିଟାଲକୁ ଆଣିଥିଲେ। ସେଠାରେ କୌଣସି ସୁଫଳ ମିଳିନଥିଲା। ଜଣେ ସଂପର୍କୀୟଙ୍କ ପରାମର୍ଶକ୍ରମେ ଗତ ୩୧ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ନ୍ୟୁରୋସର୍ଜରୀ ବିଭାଗୀୟ ମୁଖ୍ୟ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ କରାଗଲା। ସମସ୍ତ ପ୍ରକାର ପରୀକ୍ଷା ପରେ ବ୍ରେନ୍‌ରେ ଏକ ମାଂସପିଣ୍ଡୁଳା ବଢ଼ିଥିବା ଜଣାପଡିଥିଲା। ତୁରନ୍ତ ଅସ୍ତ୍ରୋପଚାର ନକଲେ ଶରୀର ପ୍ରତି ବିପଦ ଥିବାରୁ ନିରୀକ୍ଷଣ କରି ଗତ ୧୫ତାରିଖରେ ଅପରସେନ କରି ଏହି ଟ୍ୟୁମରକୁ ବାହାର କରାଯାଇଛି। ଜଟିଳ ଅସ୍ତ୍ରୋପଚାର ଦୁଇଟି ପର୍ଯ୍ୟାୟରେ କରାଯାଇଥିବା ଜଣାଯାଇଛି। ପଣ୍ଡାଙ୍କ କହିବା ଅନୁସାରେ ଏହି ପ୍ରକାର ମାଂସପିଣ୍ଡୁଳା ଶରୀର ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ମସ୍ତିଷ୍କ ପରି ସମ୍ବେଦନଶୀଳ ଅଂଶରେ ଏହା ରହିଥିବା କାରଣରୁ ନିରାପଦ୍ତାରେ ଅସ୍ତ୍ରୋପଚାର କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ରହିଥିଲା। ବର୍ତ୍ତମାନ ସିଦ୍ଧାନ୍ତ ସଂପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ଅଛନ୍ତି।

## ଯୁବକଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

ବ୍ରହ୍ମପୁର, ୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପାଳପୁର ଥାନା ଆମ୍ବପୁଆ ନିକଟ ପଲିଗୁମୁଲାର ସାଇ ପ୍ରସାଦ ସମାନ୍ତରା(୨୫) ଓ ପାଟପୁର ଥାନା ଢେଙ୍ଗାଡିର ସୀମାଞ୍ଚଳ ପାତ୍ର(୧୯)। ପୂର୍ବଶତ୍ରୁତାରୁ ଅଭିଯୁକ୍ତମାନେ ୭ ତାରିଖରେ ସୁଶାନ୍ତ ବେହେରା ନାମକ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ।




# କଂଗ୍ରେସର ସାଙ୍ଗଠନିକ ସଭା



ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା କଂଗ୍ରେସ କମିଟି ତରଫରୁ ନବ ନିଯୁକ୍ତ ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ବରିଷ୍ଠ କର୍ମୀ ମାନଙ୍କ ଏକ ସଭା ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଅଛି। ତେଲେଙ୍ଗାନା ରାଜ୍ୟର ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ ଦାୟିତ୍ୱରେ ଥିବା ଜେ କୁସୁମ କୁମାର ଉପସ୍ଥିତ ଥିଲେ। ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୂର୍ବରୁ କଂଗ୍ରେସର ଗଡ଼ କୁହାଯାଉ ଥିବା ଗଞ୍ଜାମ ଜିଲାର ସମସ୍ତ କର୍ମୀଙ୍କୁ ଏକାଠି ହେବାକୁ କୁହାଯାଇଥିଲା। ଯେଉଁ ମାନେ ଦଳରେ ରହି ଦଳ ପ୍ରତି ବିଶ୍ୱାସ ଘାତକତା କରୁଛନ୍ତି ସେମାନଙ୍କ ପ୍ରତି କଠୋର ପଦକ୍ଷେପ ନିଆଯିବ। ଆଗାମୀ ପଞ୍ଚାୟତ ଓ ନଗର ନିଗମ ନିର୍ବାଚନ ପୂର୍ବରୁ ଦଳକୁ ସୁସଂଗଠିତ କରିବାପାଇଁ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଥିବା କୁହାଯାଇଥିଲା। ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା ଓ ଜିଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନିତୀକୁ ବିରୋଧ କରିବା ସହ ଆଗାମୀ ଦିନରେ ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଅଶୋକ ପଟ୍ଟନାୟକ, ବୃନ୍ଦାବନ ଖଟେଇ,ସାକା ସୁଜିତ, ପିର ସାବତ, ଶ୍ୟାମସୁନ୍ଦର ସାହୁ, ଆପ୍ପା ରାଓ, ରାମା ରାଓ, ଯୋଗି ବେହେରା, ସୁବାଷିନି ପଟ୍ଟନାୟକ, ଭାଗିରଥି ବେହେରା, ମହେଶ୍ୱର ବେହେରା, ସୁବାସ ରାଉତ, ପ୍ରହ୍ଲାଦ ଗୌଡ, ଭିକାରି ବେହେରା, ରାମକୃଷ୍ଣ ସାହୁ,ଆଇନଜିବୀ . ଦିଲିପ ଷଡଙ୍ଗୀ, ହରିନାଥ,ବରିଷ୍ଠ ସାମ୍ବାଦିକ ଜୟରାମ ମହାରଣାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ନିର୍ଯାତିତ ବୃଦ୍ଧ ଦମ୍ପତିଙ୍କ ନ୍ୟାୟ ପାଇଁ ଗୁହାରି

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ସାନଖେମୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ହଂସରଳୀ ଗାଁର ଏକ ବୃଦ୍ଧ ଦମ୍ପତି କୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ଉଜ୍ଜ୍ୱଳ ମହାନ୍ତି (୬୪) ଓ ତାଙ୍କ ସ୍ତ୍ରୀ ମନାସ ମହାନ୍ତି (୬୨) ୨ ଛୋଟ ଘର ଏବଂ କିଛି ଚାଷ ଜମି କିଣିଥିଲେ। କିନ୍ତୁ ଆଜି ସେମାନେ ଅଜଣା ଲୋକଙ୍କ ସହ ନୁହେଁ, ନିଜ ପୁଅ ଓ ବୋହୂଙ୍କ ବିରୋଧରେ ଲଢ଼ିବା ପାଇଁ ଆଇନର ଆଶ୍ରୟ ନେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସେମାନେ ପୁଅ ଏବଂ ବୋହୂଙ୍କ ଠାରୁ ଅପମାନ ପାଇଛନ୍ତି, ମାଡ଼ ଖାଇଛନ୍ତି ଓ ହତ୍ୟା ଧମକ ମଧ୍ୟ ପାଇଛନ୍ତି। ଏକଦା ଘରମାଲିକ ଥିବା ଦମ୍ପତି ଏବେ ଭଡା ଘରେ ରହୁଛନ୍ତି। ୨୦୧୨ରେ ସାମାଜିକ ଚାପରେ କିଛି ଜମି ପୁଅ ଓ ବୋହୂ ମାନଙ୍କ ନାମରେ ଲେଖେଇବାକୁ ବାଧ୍ୟ କରାଯାଇଥିଲା। ଏହାର ପ୍ରତିବଦଳରେ ପୁଅ ଓ ବୋହୂମାନେ ସେବା କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ହେଲାନାହିଁ। ୨୦୨୩ରେ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ରହିଗଲା। ଶେଷରେ ସେମାନେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଅନୁସାରେ ଆଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାବ୍ରହ୍ମପୁରମେଣ୍ଟେନାନ୍ସଟ୍ରିବ୍ୟୁନାଲରେବିଚାରାଧୀନଅଛି।

# ବିଭୂତି ଭୂଷଣ ଓ ଲକ୍ଷ୍ମୀ ସ୍ମାରକୀ ପୁରସ୍କାର ପ୍ରଦାନ

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରବିବାର ୧୮ତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଦଣ୍ଡ ପାଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବେହେରା ଯୋଗ ଦେଇ ଶୃଙ୍ଖଳିତ ଜୀବନ ସହ ଭଲ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ସତ୍ୟ ନାରାୟଣ



ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ ବ୍ଲକର ଯୋଜନା ସଂଯୋଜକ ସନୋଜ କୁମାର ପାଢୀ, ପି ଏନ ବି ର ଏଚ ଆର୍ ମାନସ ରଞ୍ଜନ ସ୍ୱାଇଁ, ପି ଏନ ବି କୃଷି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ନୃସିଂହ ପ୍ରସାଦ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ମୁରଲୀ ଧର ସାହୁ,ସମ୍ପାଦକ ବିଶ୍ୱ ବିହାରୀ ବିଷୋୟୀ, ଛତ୍ରପୁର ସଙ୍କୁଳ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ବିଭୂତି ଭୂଷଣ ଓ ଲକ୍ଷ୍ମୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ଧନ୍ୟବାଦ ଦେଇଥିଲେ।

# କର୍ମଚାରୀଙ୍କ ସମସ୍ୟା ସମାଧାନ ଉପରେ ବାବୁଜୀଙ୍କ ଗୁରୁତ୍ୱ



ବାବୁଜୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁଗ୍ମ ସଚିବ ଡ ବାବୁଜି ସାମଲ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ପୁଣି ଥରେ ମନୋନୀତ ହୋଇଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ଡ.ମିହିର କୁମାର ତ୍ରିପାଠୀ, ସମ୍ପାଦକ ଇନ୍ଦ୍ର ପ୍ରସାଦ ବେହେରା, ମନୋଜ ଶତପଥୀ, ସତ୍ୟ ନାରାୟଣ ଶତପଥୀ, ପ୍ରଦୀପ ବେହେରା, ଏମ. ତାରିଣୀୟା ରେଡ୍ଡୀ, ଭୀମରାଜୁରେଡ୍ଡୀ, ଦେବୀ ପ୍ରସାଦ ବେହେରା, ଅଜିତ କୁମାର ବେହେରା, ମହେଶ ରଞ୍ଜନ ମିଶ୍ର, କାଳୁ ଚରଣ ଖାଡେଙ୍ଗା, ମାନସ ମଲ୍ଲିକ, ସାରିପା ପ୍ରଧାନ,ରବୀନ୍ଦ୍ର ଗୌଡ଼ ପ୍ରଣତି ଦେ, କଳ୍ପନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଡ. ସାମଲ କହିଛନ୍ତି, ମୁଁ କର୍ମଚାରୀ ମାନଙ୍କ ପାଇଁ ସବୁବେଳେ ଅଛି ଏବଂ ରହିବି ଏଥି ସହିତ କର୍ମଚାରୀ ମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବି ବୋଲି କହିଥିଲେ।




## ଫେରାର ୨ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୯।୧(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ କେତେଜଣ ଅସାମାଜିକ ଯୁବକ ଗତ ନଭେମ୍ବର ୨୫ରେ ଏକତ୍ରିତ ହୋଇଥିବା ବେଳେ ପୋଲିସ ସେଠାରେ ଚଡାଉ କରିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ସେମାନେ ହେଲେ ଲାଞ୍ଜିପଲି ଢ଼ିପ ସାହିର ବାବୁ ଗୌଡ଼(୩୫) ଓ ଏନ. ପ୍ରସାଦ ପାତ୍ର(୨୦)। ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା ସହ ରାଜୁ ଦୋରା ନାମକ ଜଣେ ଯୁବକଙ୍କୁ ହତ୍ୟା ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁପାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ନଭେମ୍ବର ୨୫ ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ଟିମକୁ ଦେଖି ଡ଼କାୟତ ଗ୍ୟାଙ୍ଗର ଯୁବକ ମାନେ ଖସି ପଳାଇଥିଲେ। ଜଣେ ୧୬ ବର୍ଷର ନାବାଳକଙ୍କୁ ପୋଲିସ ଧରିଥିଲା। ସେଠାରୁ ଗୋଟିଏ ବୋମା, ୩ଟି କାତି ଓ ମଦ ବୋତଲ ଜବତ କରିଥିଲା। ମାମଲା ନଂ ୫୯୦/୨୫ରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳକଙ୍କ ବୟାନ ଅନୁଯାଇ ପୋଲିସ ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା।



